# ପ୍ରଚାରରେ କମ୍ପୁଛି ପୌରାଞ୍ଚଳ


ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଧାୟକ ଭୋଟ ଭିକ୍ଷା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୩**

ଢେଙ୍କାନାଳ ପୌର ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାରରେ କମ୍ପୁଛି ମଇଦାନ। ବିଜେଡି ପକ୍ଷରୁ ପ୍ରଚାର ମଙ୍ଗ ଧରିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ରବିବାର ସକାଳେ

## ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ବିଧାୟକ

ପର୍ଯ୍ୟାୟକ୍ରମେ ୮ନଂ., ୧୩ନଂ., ୧୪ନଂ. ଏବଂ ଅପରାହ୍ନରେ ୧୧ନଂ., ୧୨ନଂ. ଏବଂ ୧୫ନଂ. ୱାର୍ଡରେ ମାରାଥନ୍ ପ୍ରଚାର କରାଯାଇଛି। ବିଜେଡି ନେତୃବୃନ୍ଦ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

୮ନଂ. ୱାର୍ଡ ଗଜମରାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାଞ୍ଛକୁସୁମ, ମହିଷାପାଟ ଅଞ୍ଚଳ ପରିକ୍ରମା କରିଥିଲା। ନଗରପାଳ ପ୍ରାର୍ଥିନୀ ଅନିମା ନାୟକ, କାଉନ୍‌ସିଲର ପ୍ରାର୍ଥୀ ରଶ୍ମିରଞ୍ଜନ ରାଉତଙ୍କ ପାଇଁ ବିଧାୟକ, ଏମ୍‌ପି ମହେଶ ସାହୁ, ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଦୀପକ ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ପ୍ରମୁଖ ଭୋଟ ଭିକ୍ଷା କରିଥିଲେ। ସେହିପରି ୧୩ନଂ. ୱାର୍ଡ କାଉନ୍‌ସିଲର ପ୍ରାର୍ଥୀ ସାଗିର ମହମ୍ମଦ, ୧୪ନଂ. ୱାର୍ଡ କାଉନ୍‌ସିଲର ପ୍ରାର୍ଥୀ ରୁଦ୍ରାନ୍ତ ଦଳେଇଙ୍କ ଲାଗି ଦଳୀୟ କର୍ମକର୍ତ୍ତାମାନେ ପ୍ରଚାର କରିଥିଲେ। ଶୋଭାଯାତ୍ରାରେ ଘୋଡ଼ା, ଶଙ୍ଖୁଆ ନୃତ୍ୟଦଳ ସାମିଲ ହୋଇଥିଲେ। ସେହିପରି ଅପରାହ୍ନରେ ୧୧ନଂ., ୱାର୍ଡ କାଉନ୍‌ସିଲର ପ୍ରାର୍ଥୀ ରତ୍ନପ୍ରଭା ସାହୁ, ୧୨ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଶୁଭଲକ୍ଷ୍ମୀ ସାହୁ ଏବଂ ୧୫ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ବିମଳ ନାୟକଙ୍କୁ ଜିତାଇବା ପାଇଁ ବିଧାୟକ ଭୋଟରଙ୍କୁ ନିବେଦନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲା ସାଧାରଣ ସମ୍ପାଦିକା ତିଲୋତ୍ତମା ଚୌଧୁରୀ, ରଞ୍ଜନ ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅମଳାପଡ଼ାରେ ଅର୍ଘ୍ୟ ବନ୍ଦାପନା

**ଢେଙ୍କାନାଳ ଅଫିସ, ୨୦।୩:** ଢେଙ୍କାନାଳ ସହର ଅମଳାପଡ଼ାସ୍ଥିତ ଶ୍ରୀରାମେଶ୍ୱର ମହାଦେବ ପୀଠ ପ୍ରାଙ୍ଗଣରେ ଥିବା ଶ୍ରୀରାଧାକୃଷ୍ଣଜୀଉଙ୍କ ମନ୍ଦିରରେ ଶୁକ୍ରବାର ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଅର୍ଘ୍ୟ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପ୍ରତି ଗୋପାଳ ପରିବାରରେ ଅର୍ଘ୍ୟ ବନ୍ଦାପନା କରାଯାଇଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ କୈଳାସ ଚନ୍ଦ୍ର ବେହେରା, କୋଷାଧକ୍ଷ ପ୍ରଦ୍ୟୁମ୍ନ ଭୂତିଆ, ଜୟକୃଷ୍ଣ ବେହେରା, ସାରଙ୍ଗଧର ଭୂତିଆ, ଅଜୟ ବେହେରା, ତ୍ରିନାଥ ବେଉରା,



ରଞ୍ଜନ ବେହେରା, କ୍ଷୀର ବେହେରା, ନାରାୟଣ ବେହେରା, ଶତ୍ରୁଘ୍ନ ବେହେରା, ରମେଶ ବେହେରା, ସନ୍ତୋଷ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରଙ୍ଗୋଲି ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୦।୩:** ହୋଲି ଉତ୍ସବ ଉପଲକ୍ଷେ ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଶନିବାର ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ଦାରା, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, କରମୂଳ ସରପଞ୍ଚ ବିଶ୍ୱଲୋଚନ ମହାଲିକ, କ୍ଷୀରୋଦ ସାମଲ, ଅମରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଲୋକେଶ୍ୱର ବିଶ୍ୱାଳ ପ୍ରଥମ, ସିପୁନ ମହାରଣା ଦ୍ୱିତୀୟ ଏବଂ ଅମ୍ରିତା ପ୍ରିୟଦର୍ଶିନୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୋଭିଡ୍ ମହାମାରୀ ସମୟରେ ଉଲ୍ଲେଖନୀୟ ସେବା ପାଇଁ ଜ୍ଞାନମଞ୍ଜରୀ ଭୋଇ, ଚନ୍ଦନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଡା. ବିଶ୍ୱକଲ୍ୟାଣ ଶତପଥୀ, ଫାର୍ମାସିଷ୍ଟ ବବୁଲ୍ ମାଝି, ଅରୁଣୋଦୟ ଶତପଥୀ, ଉତ୍ତମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ନଗର ପରିକ୍ରମା ପରେ ମେଳଣ ମଣ୍ଡପରେ ରାଧାକୃଷ୍ଣଙ୍କ ବିମାନ।

# ବିମାନରେ ବୁଲିଲେ ରାଧାଗୋବିନ୍ଦ

**ଭୁବନ, ୨୦।୩(ଡି.ଏନ୍.ଏ.)**

ଦୋଳମେଳଣ ପାଇଁ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ଜିଲା ଭୁବନ ବ୍ଲକର ପୁରପଲ୍ଲୀ। ବିମାନରେ ରାଧାଗୋବିନ୍ଦଙ୍କ ଚଳନ୍ତି ବିଗ୍ରହଙ୍କୁ ନଗର ପରିକ୍ରମା କରାଯାଉଛି। ସନ୍ଧ୍ୟାରେ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି।

ଗତ ଶୁକ୍ରବାର ବଡ଼େଇସାହି, ମଦନମୋହନ ମନ୍ଦିର, ଦୁର୍ଗାଛକ କାଚେରା ସାହି, ଜଗନ୍ନାଥ ମଣ୍ଡପ, ରାଧାକାନ୍ତ ଜୀଉ ମନ୍ଦିର, ଛତାମଠ ପକ୍ଷରୁ ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲା। ବିଭିନ୍ନ ଛକରେ ଶ୍ରୀଜୀଉଙ୍କୁ ବନ୍ଦାପନା କରାଯିବାପରେ ବିଘ୍ନ ମହାନ୍ତି ଛକରେ ଫଗୁଦଶମୀ ପାଳିତ ହୋଇଥିଲା। ଏହାପରେ ଛତାମଠ ପରିସରରେ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗୋପାଳ ସମାଜର ଲଉଡ଼ିବାଡ଼ି ଦଳ, ବାଜା, ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଛତାମଠ କାଶୀ ବିଶ୍ୱନାଥ ମନ୍ଦିର ପରିଚାଳନା କମିଟି ସଭାପତି ହରିହର ସାହୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ମହୁଲପାଳ, ମୃଦଙ୍ଗା, ବାଲିବୋ, ଏକତାଳି, ଜିରାଙ୍ଗଠାରେ ଦୋଳମେଳଣ ଉତ୍ସବ ପାଳିତ ହୋଇଯାଇଛି। ପଞ୍ଚୁଦୋଳ ଯାଏ ଶ୍ରୀଜୀଉଙ୍କୁ ଦୋଳବେଦିରେ ପୂଜାର୍ଚ୍ଚନା କରାଯିବ। ଅନୁରୂପ ଭାବେ ଶନିବାର ବିଭିନ୍ନ ଅନୁଷ୍ଠାନ, ଯୁବକ ସଂଘ ପକ୍ଷରୁ ଜାକ୍‌ଜମକର ସହ ହୋଲି ଉତ୍ସବ ପାଳିତ ହୋଇଯାଇଛି।

# ପଖାଳର ମଜାନେଲେ ଅନ୍ତେବାସୀ

**ଢେଙ୍କାନାଳ ଅଫିସ,୨୦।୩**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ରବିବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅନ୍ତେବାସୀଙ୍କ ପାଇଁ ସୁସ୍ୱାଦୁ ପଖାଳ ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବାବେଳେ ସମସ୍ତେ ଏକାଠି ହୋଇ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିପୂର୍ବରୁ ଶନିବାର ଏଠାରେ ଜାକ୍‌ଜମକର ସହ ହୋଲି ଖେଳ ଅନୁଷ୍ଠିତ ହୋଇଥିଲା।


ଅନ୍ତେବାସୀମାନେ ସାମୂହିକ ଭାବେ ଭୋଜନ କରୁଛନ୍ତି।

# ଆହତଙ୍କୁ ଉଦ୍ଧାର କଲେ ଜିଲାପାଳ


ଜିଲାପାଳ ଆହତ ମହିଳାଙ୍କୁ ଉଦ୍ଧାର କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୩**

ସଡ଼କ ଦୁର୍ଘଟଣାର ଶିକାର ହୋଇ ରାସ୍ତାପାର୍ଶ୍ୱରେ ପଡ଼ି ଛଟପଟ ହେଉଥିବା ଜଣେ ମହିଳାଙ୍କୁ ଉଦ୍ଧାର କରି ବଦାନ୍ୟତା ଦେଖାଇଛନ୍ତି ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ। ୫-ଟି କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ ଭିତ୍ତିଭୂମି ସମୀକ୍ଷା କରିବା ଲାଗି ଗତ ଶୁକ୍ରବାର ଜିଲାପାଳ ଗଁଦିଆ ବ୍ଲକ ପରିଦର୍ଶନରେ ଯାଉଥିବାବେଳେ ବିଶ୍ୱନାଥପୁର ନିକଟରେ ସୁଜାତା ମହାପାତ୍ର ନାମ୍ନୀ ମହିଳା ଦୁର୍ଘଟଣାର ଶିକାର ହୋଇ ରାସ୍ତାପାର୍ଶ୍ୱରେ ପଡ଼ିଥିଲେ। ଜିଲାପାଳ ତୁରନ୍ତ ଗାଡ଼ି ରଖି ଆହତଙ୍କୁ ଉଦ୍ଧାର କରଥିଲେ।

ତାଙ୍କୁ ବିଡିଓଙ୍କ ଗାଡ଼ିରେ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ମହିଳାଙ୍କ ସହିତ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଡିଓ ଆଶିଷ ରଞ୍ଜନ ସାହୁ, କନିଷ୍ଠଯନ୍ତ୍ରୀ ନୀଳମଣି ମହାପାତ୍ର ପ୍ରମୁଖ ଡାକ୍ତରଖାନା ଯାଇଥିଲେ। ସୁଜାତାଙ୍କ ଘର ପିଙ୍ଗୁଆ ଅଞ୍ଚଳରେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।




# ଦିବ୍ୟାଙ୍ଗ ସ୍କୁଲରେ ରଙ୍ଗ ମହୋତ୍ସବ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୨୦।୩**

ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍‌ସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିବାଧିତ ଓ ଶ୍ରବଣବାଧିତ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି ରଙ୍ଗ ମହୋତ୍ସବ। ଏହି ଅବସରରେ ସାଇ ସତ୍‌ସଙ୍ଗ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଇନ୍ଦିପୁର ମଠସାହି ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।













# ରାଜ୍ୟରେ ଦୁର୍ନୀତି ବଢ଼ିଛି: ରୁଦ୍ରନାରାୟଣ

**ଢେଙ୍କାନାଳ ଅଫିସ, ୨୦।୩**

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ। ଏଥିପୂର୍ବରୁ ୨୨ ତାରିଖରେ ସରିବ ପ୍ରଚାର। ଏହାକୁ ମଝିରେ ମାତ୍ର ଦିନଟିଏ ବାକି ଥିବାବେଳେ କମ୍ପୁଛି ପ୍ରଚାର ମଇଦାନ। ତା' ସାଙ୍ଗକୁ ଆରମ୍ଭ ହୋଇଛି ଆରୋପ ଓ ପ୍ରତ୍ୟାରୋପ, ଯାହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ଜିଲାର ୩ ପ୍ରମୁଖ ପୌରାଞ୍ଚଳ। ରବିବାର ଭାଜପା ପକ୍ଷରୁ ସହରାଞ୍ଚଳର ବିଭିନ୍ନ ୱାର୍ଡରେ

## ପ୍ରଚାର ବେଳେ ରାଜ୍ୟ ସରକାରଙ୍କୁ ଘେରିଲା ଭାଜପା

ମାରାଥନ୍ ପ୍ରଚାର କରାଯାଇଥିବାବେଳେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ଶାସକ ବିଜେଡି ଉପରେ ବର୍ଷିଛନ୍ତି। ସେ କହିଲେ, ରାଜ୍ୟରେ ଦୁର୍ନୀତି ସୀମା ଟପିଲାଣି। ରାଜ୍ୟ ସରକାରଙ୍କ ବଡ଼ପଣ୍ଡାମାନେ ଦୁର୍ନୀତିରେ ଲିପ୍ତ ଅଛନ୍ତି। ସାଧାରଣ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଥିବାବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏମ୍‌ପି, ବିଧାୟକ, ମନ୍ତ୍ରୀଙ୍କ ପାଟି ଖୋଲୁନି। ରାଜ୍ୟର ଶାସକ ଦଳ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ହଡ଼ପ କରିବାକୁ ଚକ୍ରାନ୍ତ କରୁଛି। ଓଡ଼ିଶାକୁ କେନ୍ଦ୍ର ସରକାର ବିପୁଳ ଅନୁଦାନ ଦେଉଥିଲେ ମଧ୍ୟ ତାହା ଲୋକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବାଟମାରଣା ହୋଇଯାଉଛି। ଏ ବିଷୟରେ ଜନତା ସଚେତନ ହେଲେଣି। ପୌର ନିର୍ବାଚନରେ ଭୋଟର ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି। ଏହି ଅବସରରେ ରୁଦ୍ରନାରାୟଣ ଢେଙ୍କାନାଳ ପୌରାଞ୍ଚଳର ଦଳୀୟ ନଗରପାଳ ପ୍ରାର୍ଥିନୀ ଜୟନ୍ତୀ ପାତ୍ର, ୭ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଜୁଲିନା ମହାନ୍ତି, ୨୧ନଂ. ୱାର୍ଡ କାଉନସିଲର ପ୍ରାର୍ଥିନୀ ମମତା ସାହୁ, ୨୨ନଂ. ୱାର୍ଡ କାଉନ୍‌ସିଲର ପ୍ରାର୍ଥିନୀ ସୁମିତ୍ରା ମଲ୍ଲିକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ନଗରପାଳ ପ୍ରାର୍ଥୀଙ୍କ ସମେତ ସମ୍ପୃକ୍ତ ୱାର୍ଡର ପ୍ରାର୍ଥୀମାନେ ପ୍ରଚାରରେ ସାମିଲ ହୋଇଥିଲେ। ଏଥିସହ କାମାକ୍ଷାନଗର ଏନ୍‌ଏସିର ୧୨ ଓ ୧୩ନଂ. ୱାର୍ଡ ଏବଂ ଭୁବନ ଏନ୍‌ଏସିରେ ୧୫ନଂ. ୱାର୍ଡର ଦଳୀୟ ପ୍ରାର୍ଥୀଙ୍କ ପାଇଁ ରୁଦ୍ରନାରାୟଣ ପ୍ରଚାର କରିଥିଲେ।


ପ୍ରଚାର କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ଦଳୀୟ ପ୍ରାର୍ଥୀ ଓ କାର୍ଯ୍ୟକର୍ତ୍ତାମାନେ।







See Career Appointment on every Wednesday & Saturday

## ସଂକ୍ଷେପରେ

### ସର୍ବନିମ୍ନ ପେନସନ ୯ ହଜାର ହେଉ

**ଅନୁଗୋଳ ଅଫିସ,୨୦।୩:** ଅଲ୍ ଓଡ଼ିଶା ପେନସନର୍ସ ଆସୋସିଏଶନ ଅନୁଗୋଳ ଶାଖା ପରିଚାଳନା ପରିଷଦର ଏକ ବୈଠକ ରବିବାର ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ, ସମସ୍ତ ଇପିଏଫ୍ ପେନସନଧାରୀଙ୍କୁ ଚିକିତ୍ସା ଭତ୍ତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏଥିସହ ଏହି ଦାବି ସମ୍ପର୍କରେ ପୁରୀରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀରେ ଅନୁଗୋଳ ଜିଲାରୁ ସଭାପତି ବାବାଜୀ ଚରଣ ସାସମଲ ଓ ସମ୍ପାଦକ ଉଦୟ ନାଥ ଦାସ, କାର୍ଯ୍ୟକାରୀ ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ, ଉପଦେଷ୍ଟା ସନାତନ ସାହୁ, ବିଷ୍ଣୁଚରଣ ମହାନ୍ତି, ସଞ୍ଜୟ କୁମାର ନନ୍ଦ, ସଙ୍ଗଠକ ଫକୀର ମୋହନ ଖୁଣ୍ଟିଆ, ରବି ନାରାୟଣ ବେହେରା, ମଧୁସୂଦନ ସାହୁ, ସଭ୍ୟ ଅକ୍ଷୟ କୁମାର ମହାପାତ୍ର, ନିରୋଦ କୁମାର ସାମଲ ଯୋଗଦେବାକୁ ସ୍ଥିର କରାଯାଇଥିଲା।

### ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୨୦।୩(ଡି.ଏନ.ଏ.):** ଆଠମଲ୍ଲିକ ଥାନା ନୂଆଁଗା ଗ୍ରାମର ତ୍ରିବେଣୀ ସାହୁ ଓ ତାଙ୍କ ସ୍ୱାମୀ ବିଭୂତି ସାହୁଙ୍କୁ ଶାଶୁଘର ଲୋକେ ମାଡ଼ ମାରିଥିବା ଶନିବାର ଆଠମଲ୍ଲିକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୬୮/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବିଭୂତି ଓ ତାଙ୍କ ଭାଇଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ଦମ୍ପତିଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### କାବୁ ହେଲା ଜଙ୍ଗଲ ନିଆଁ

**ଅନୁଗୋଳ ଅଫିସ, ୨୦।୩:** ଅନୁଗୋଳ ବ୍ଲକର ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳୁଥିବା ବେଳେ ତାହାକୁ କାବୁ କରିବାରେ ସକ୍ଷମ ହୋଇଛି ଅଗ୍ନିଶମ ବିଭାଗ। ଶନିବାର ଅପରାହ୍ନ ୨ଟା ୩୦ରେ ପରଙ୍ଗଠାରେ ଥିବା ଏକ ବାଉଁଶ ବଣରେ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗକୁ ଖବର ମିଳିଥିଲା। ସେହିପରି ଅପରାହ୍ନ ୫ଟା ୩୦ରେ ଜରାସିଙ୍ଗାସ୍ଥିତ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ସନ୍ଧ୍ୟା ୭ଟା ବେଳେ ନତଡ଼ା ସଂରକ୍ଷିତ ଜଙ୍ଗଲ ଜଳୁଥିବା ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଫୋନ ଆସିଥିଲା। ଅନୁଗୋଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏହି ୩ଟି ସ୍ଥାନକୁ ଯାଇ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ।

### ଫାଷ୍ଟ ନାଇଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଇଣ୍ଡା,୨୦।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଆଶ୍ରମ ଖେଳ ପଡିଆରେ ଶନିବାର ଫାଷ୍ଟ ନାଇଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଦୀପ୍ତିମୟୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ



ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିତେନ୍ଦ୍ର ବେହେରା, ପବନା ବେହେରା, ମାନସ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ ଇଚ୍ଛାପୁରକୁ ହରାଇ ସରିଗିପାଲି ବିଜୟୀ ହୋଇଛି। ସେହିପରି ୨ୟ ମ୍ୟାଚ୍‌ରେ ପେଡିପଥରକୁ ହରାଇ ଆଠମଲ୍ଲିକ ବିଜୟୀ ହୋଇଛି। ସରୋଜ ସାହୁ, ବିଷ୍ଣୁ ଶଙ୍ଖାରୀ, ସୌରଭ ମିଶ୍ର ପରିଚାଳନା କରିଥିଲେ।

# ଆଠମଲ୍ଲିକରେ ସମ୍ମାନର ଲଢ଼େଇ

**ବଇଣ୍ଡା,୨୦।୩(ଡି.ଏନ.ଏ.)**



ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ।

- ଏନ୍‌ଏସି ହାତେଇବାକୁ ଚାଲିଛି ଗୋଟିଚାଳନା
- ୩ ପ୍ରମୁଖ ଦଳ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା
- ୨୨ରେ ସରିବ ପ୍ରଚାର, ୨୪ରେ ଭୋଟଗ୍ରହଣ

ଆଠମଲ୍ଲିକ ଏନ୍‌ଏସି ସ୍ଥାପନ ପରଠାରୁ ୪ଥର ପୌର ନିର୍ବାଚନ ହୋଇଛି। ସେଥିରୁ ୩ଥର କଂଗ୍ରେସ ଓ ଥରଟିଏ ବିଜେଡି ଏନ୍‌ଏସି ଦଖଲ କରିବାରେ ସଫଳ ହୋଇଛି। ତେବେ ଶେଷ ଦୁଇଥର ଏଠାରେ କଂଗ୍ରେସ ବିଜୟୀ ହୋଇଥିବାରୁ ଚଳିତ ପୌର ନିର୍ବାଚନରେ ମଧ୍ୟ ଦଳ ନିଜ ଗଡ଼ ରକ୍ଷା କରିବା ପାଇଁ ତତ୍ପର ହୋଇପଡ଼ିଛି। ସେହିପରି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ପାଇଥିବା ବିଜେଡି ଏହି ପୌର ନିର୍ବାଚନ ଜିଣି ଆଠମଲ୍ଲିକ ଏନ୍‌ଏସି ପୁନଃ ଦଖଲ ପାଇଁ ଅଧିକ ଆଶାବାଦୀ ରହିଛି। ଅନ୍ୟପକ୍ଷରେ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆଠମଲ୍ଲିକ ଉପଖଣ୍ଡ ରହିଥିବାରୁ ଭାଜପା ଭଲ ପ୍ରଦର୍ଶନ କରିବା ନେଇ ଆଶା ବାନ୍ଧିଛି। ତେଣୁ ଚଳିତ ଏନ୍‌ଏସି ନିର୍ବାଚନ ଏହି ୩ ପ୍ରମୁଖ ଦଳ ପାଇଁ ସମ୍ମାନର ଲଢ଼େଇ ବୋଲି କୁହାଯାଉଛି।

ଆଠମଲ୍ଲିକର କଇଁତ୍ରାଗଡ ଓ ନଅାଁଗା ପଞ୍ଚାୟତର ୩ଟି ଗ୍ରାମକୁ ନେଇ ୧୯୯୬ ମସିହାରେ ଆଠମଲ୍ଲିକ ଏନ୍‌ଏସି ଗଠନ ହୋଇଥିଲା। ୧୧ ୱାର୍ଡ ବିଶିଷ୍ଟ ଏହି ଏନ୍‌ଏସିର ଲୋକସଂଖ୍ୟା ୧୨,୨୯୮ ହୋଇଥିବାବେଳେ ୯,୭୮୧ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୮୯୭ ମହିଳା ଭୋଟର ଓ ୪୮୮୪ ପୁରୁଷ ଭୋଟର ଅଛନ୍ତି। ୧୯୯୭ ପୌର ନିର୍ବାଚନରେ ଏଠାରେ କଂଗ୍ରେସ ବିଜୟୀ ହୋଇଥିଲା। ୨୦୦୩ରେ ଏହା ବିଜେଡି ଦଖଲକୁ ଯାଇଥିଲା। ତେବେ ପରବର୍ତ୍ତୀ ୨୦୦୮ ଓ ୨୦୧୩ ନିର୍ବାଚନରେ କଂଗ୍ରେସ ଆଠମଲ୍ଲିକ ଏନ୍‌ଏସି ଅକ୍ତିଆର କରିବା ସହ ଏହାକୁ ନିଜ ଗଡ଼ ବୋଲି ଦାବି କରିଆସୁଛି। ସେହି ଆଧାରରେ ଚଳିତ ନିର୍ବାଚନ ଦଳ ଜିତିବ ବୋଲି କହୁଛି। ଏଥର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୫ଜଣ ନିର୍ବାଚନ ମଇଦାନରେ ରହିଛନ୍ତି। ବିଜେଡିରୁ ଆଶା କୁମାରୀ ସାହୁ, ଭାଜପାରୁ ଯୋଗମାୟା ପ୍ରିୟଦର୍ଶନୀ ମହାପାତ୍ର ଓ କଂଗ୍ରେସରୁ ରଞ୍ଜିତା ସିଂହ ପ୍ରାର୍ଥୀ ହୋଇଥିବାବେଳେ ସ୍ୱାଧୀନ ଭାବେ ନୀହାର ହୋତା ଏବଂ ସରଜୁ ସିଂହ ସାମନ୍ତ ଲଢୁଛନ୍ତି। ସେହିପରି ୧୧ କାଉନସିଲର ପଦବୀ ପାଇଁ ୪୦ ଜଣ ପ୍ରାର୍ଥୀ ରହିଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ବରିଷ୍ଠ ନେତା ବିଜୟାନନ୍ଦ ଚାଉଳିଆ ପ୍ରଚାର ମଙ୍ଗ ଧରିଛନ୍ତି। ଅପରପକ୍ଷରେ କଂଗ୍ରେସ ଗଡ଼ ଭାଙ୍ଗି ଏହି ଏନ୍‌ଏସି ଦଖଲ କରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ପଞ୍ଚାୟତ ନିର୍ବାଚନ ପରି ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବରିଷ୍ଠ ନେତା ତଥା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନଳିନୀକାନ୍ତ ପ୍ରଧାନ ପ୍ରଚାର ମଙ୍ଗ ଧରିବା ସହ ଗୋଟିଚାଳନା କରୁଛନ୍ତି। ଭାଜପା ପ୍ରାର୍ଥୀମାନଙ୍କ ପାଇଁ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ ବିଭିନ୍ନ ୱାର୍ଡ ବୁଲି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଉଛନ୍ତି। ୨୨ ତାରିଖରେ ପ୍ରଚାର ଶେଷ ହେବାକୁ ଥିବାରୁ ହାତରେ ମାତ୍ର ୨ ଦିନ ରହିଛି। ତେଣୁ ୩ ପ୍ରମୁଖ ଦଳ ଜନସମର୍ଥନ ହାସଲ ନିମନ୍ତେ ଶେଷ ପ୍ରୟାସ ଜାରି ରଖିଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଦାୟିତ୍ୱରେ ଥିବା ଆଠମଲ୍ଲିକ ତହସିଲଦାର ସୋଫି ସାଇନିକା କହିଛନ୍ତି, ପ୍ରଶାସନ ପକ୍ଷରୁ କିଭଳି ନିର୍ବାଚନରେ ସ୍ୱଚ୍ଛତା ରକ୍ଷା କରାଯିବ ସେ ଦିଗରେ ବ୍ୟାପକ ପ୍ରସ୍ତୁତି କରାଯାଇଛି।

**ବିଜେଡି ଦଖଲ କରିବ**



ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଆଠମଲ୍ଲିକର ବହୁ ବିକାଶ ହୋଇଛି। ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭଲ ପାଉଛନ୍ତି। ତେଣୁ ବିଜେଡି ଆଠମଲ୍ଲିକ ଏନ୍‌ଏସିକୁ ଦଖଲ କରିବା ସହ ଅଧ୍ୟକ୍ଷା ପଦ ମଧ୍ୟ ହାତେଇବ।

-ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଧାୟକ

**ଭୋଟର ପରିବର୍ତ୍ତନ ଚାହୁଁଛନ୍ତି**



ଆଠମଲ୍ଲିକ ଭୋଟର ପରିବର୍ତ୍ତନ ଚାହୁଁଛନ୍ତି। ତେଣୁ ଚଳିତ ଏନ୍‌ଏସି ନିର୍ବାଚନ ଭାଜପା ଜିତିବ। କେନ୍ଦ୍ର ସରକାରଙ୍କ ବହୁ ଯୋଜନାରେ ଏଠାକାର ଲୋକେ ଉପକୃତ ହେଉଛନ୍ତି। ସେମାନେ ଭାଜପାକୁ ଭୋଟ ଦେଇ ବିଜୟୀ କରିବେ।

-ପରେଶ ଦେଓ, ଭାଜପା ନେତା

**ଗଡ଼ ବଜାୟ ରଖିବ କଂଗ୍ରେସ**



ଆଠମଲ୍ଲିକ ହେଲା କଂଗ୍ରେସର ଗଡ଼। ଏହାକୁ କଂଗ୍ରେସ ବଜାୟ ରଖିବ। ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ପର୍କରେ ବୁଝିଛନ୍ତି। ଆଠମଲ୍ଲିକର ଯାହା ବିକାଶ ହୋଇଛି କେବଳ କଂଗ୍ରେସ ସମୟରେ ହିଁ ହୋଇଛି।

-ବିଜୟାନନ୍ଦ ଚାଉଳିଆ, କଂଗ୍ରେସ ନେତା

## ତେସପାଟ୍‌ରେ ଏମ୍‌ସିଏଲ୍‌ର ରେକର୍ଡ

**ତାଳଚେର,୨୦।୩(ନି.ପ୍ର.)**

ମହାନଦୀ କୋଲ୍ ଫିଲ୍‌ଡ୍‌ସ ଲିଃ (ଏମ୍‌ସିଏଲ୍) କୋଇଲା ପ୍ରେରଣରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ୧୭୦ ମିଲିୟନ ଟନ୍ ଶୁଖିଲା ଇନ୍ଧନ ଉପଭୋକ୍ତାମାନଙ୍କୁ ପ୍ରେରଣ କରିପାରିଛି। ଏହି ସଫଳତା ପାଇଁ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଖଣି ମନ୍ତ୍ରଣାଳୟ, ରେଳବାଇ, କୋଲ ଇଣ୍ଡିଆ ଲିଃ, ବିଭିନ୍ନ ଶ୍ରମିକ ସଙ୍ଗଠନକୁ ଧନ୍ୟବାଦ ଜଣାଇଛନ୍ତି। ସାମୂହିକ ଉଦ୍ୟମ ଯୋଗୁ କୋଇଲା ଉତ୍ପାଦନ ଓ ପ୍ରେରଣରେ ପୂର୍ବ ରେକର୍ଡକୁ ଅତିକ୍ରମ କରାଯାଇପାରିଛି ବୋଲି ସିଂହ ମତବ୍ୟକ୍ତ କରିଛନ୍ତି। ଏଭଳି ଉତ୍ସାହ, ଉଦ୍ଦୀପନା ସହିତ ସମଗ୍ର ଟିମ୍ ପୁନର୍ବାର ନୂତନ ରେକର୍ଡ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଆର୍ଥିକ ବର୍ଷ ଶେଷହେବାକୁ ଆଉ ୧୨ ଦିନ ଥିବାବେଳେ ଏମ୍‌ସିଏଲ୍ କୋଇଲା ଉତ୍ପାଦନ, ପ୍ରେରଣ ଓ ଓଭରବର୍ଡନ ରିମୁଭାଲ କ୍ଷେତ୍ରରେ ନୂଆ ରେକର୍ଡ ସ୍ଥାପନ କରିବାକୁ ଆଶାବାଦୀ ରହିଛି। ଚଳିତ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ କୋଇଲା ଉତ୍ପାଦନ କ୍ଷେତ୍ରରେ ୧୫% ପ୍ରତିଶତ ଅଭିବୃଦ୍ଧି, ଡେସପାଚ୍‌ରେ ୨୧% ପ୍ରତିଶତ ଓ ଓଭର ବର୍ଡନ ରିମୁଭାଲ କ୍ଷେତ୍ରରେ ୧୮% ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ ଇସ୍ତାହାରରେ ସୂଚନା ଦିଆଯାଇଛି।

## ହୋଲି କବିତା ଆସର

**ଢେଙ୍କାନାଳ ଅଫିସ, ୨୦।୩**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଶନିବାର ହୋଲି କବିତା ଆସର ସଭାପତି ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ହୋଲି ଶାନ୍ତି ଓ ମୈତ୍ରୀର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ରଘୁନାଥ ସିଂ, ସମ୍ପାଦକ ତ୍ରିଲୋଚନ ମହାରଣା, ଗ୍ରାମ ବିକାଶ ପରିଷଦ ଉପସଭାପତି ପୀତବାସ ପୃଷ୍ଟି, ସମ୍ପାଦକ ଶେଷଦେବ ସାହୁ, ସହସମ୍ପାଦକ ଅଜୟ ପୃଷ୍ଟି, କୈଳାସ ଚନ୍ଦ୍ର ପୃଷ୍ଟି, ଇନ୍ଦ୍ରମଣି ପୃଷ୍ଟି ପ୍ରମୁଖଙ୍କ ଉପସ୍ଥିତିରେ ନୂତନ ସରପଞ୍ଚ ଲଳିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୟାନିଧି ସାହୁ, ଦୁଃଶାସନ ସାହୁ, ପ୍ରଶାନ୍ତ ସାହୁ, ଯଶୋବନ୍ତୀ ପୃଷ୍ଟି, ରବି ନାରାୟଣ ନାୟକ, ଧନେଶ୍ୱର ସେନାପତି, ରାହାସ ମହାନ୍ତି, ଅରୁଣ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ହେମନ୍ତ ନାୟକ, ସହସମ୍ପାଦକ କାମାକ୍ଷାପ୍ରସାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କବିତା ଆସରରେ ସାଗର ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ଅନ୍ୟମାନେ।

# ହମ୍ପସ୍ ବଢ଼ାଉଛି ରାଜପଥରେ ଦୁର୍ଘଟଣା

**କଣିହାଁ,୨୦।୩(ଡି.ଏନ.ଏ.)**

୫୩ନଂ. ଜାତୀୟ ରାଜପଥର କଣିହାଁ ବ୍ଲକ ସଦର ମହକୁମା ଠାରେ ଏକ ନୂଆ ହମ୍ପସ୍ ନିର୍ମାଣ କରାଯାଇଛି। ହେଲେ ନିୟମ ଅନୁସାରେ ଗାଡ଼ି ଚାଳକଙ୍କ ଅବଗତି ନିମନ୍ତେ ସେଠାରେ କୌଣସି ସଂକେତ ଦିଆଯାଇ ନାହିଁ। ଫଳରେ ଗତ ୫ ଦିନ

**ସଂକେତ ଦିଆଯାଇ ନ ଥିବାରୁ ଅସନ୍ତୋଷ**

ମଧ୍ୟରେ ଏହି ହମ୍ପସ୍‌ରେ ଖସିପଡ଼ି ୨ଜଣ ଗୁରୁତର ହୋଇଥିବାବେଳେ ୧୦ରୁ ଅଧିକ ଆହତ ହୋଇଥିବା ବଜାରବାସୀ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଏପରି ଖାମଖିଆଲ କାର୍ଯ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।


କଣିହାଁ ମେଡିକାଲ ଟର୍ନିଂ ପଏଣ୍ଟରେ ନୂଆ କରି ନିର୍ମାଣ କରାଯାଇଥିବା ହମ୍ପସ୍ ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବଜାର ମଧ୍ୟରେ ରାଜପଥରେ ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ଦୁର୍ଘଟଣା ରୋକିବା ଉଦ୍ଦେଶ୍ୟରେ ହମ୍ପସ୍ ନିର୍ମାଣ କରାଯାଇଛି। ହେଲେ ଏହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ପାଲଟିଛି। ସଡ଼କ ସୁରକ୍ଷା ନିୟମ ଅନୁଯାୟୀ ହମ୍ପସ୍‌ର ଯଥେଷ୍ଟ ପୂର୍ବରୁ ଏ ନେଇ ନିର୍ଦ୍ଦିଷ୍ଟ ସଂକେତ ବ୍ୟବହାର କରାଯିବା କଥା। ଏହାଦ୍ୱାରା ଗାଡ଼ି ଚାଳକମାନେ ହମ୍ପସ୍‌ର ଅବସ୍ଥିତି ସମ୍ପର୍କରେ ସୂଚନା ପାଇପାରିଥାନ୍ତି ଓ ତଦନୁଯାୟୀ ସତର୍କତାର ସହ ଗାଡ଼ି ଚାଳନା କରିଥାନ୍ତି। କିନ୍ତୁ ରାଜପଥ ମରାମତି ବେଳେ ଏନ୍‌ଏଚ୍‌ଏଆଇ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇନାହିଁ। ଏପରି କି ଖାଲଖମା ସାମାନ୍ୟ ମରାମତି କରିଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଖାଲ ପୂରଣ କରାଯାଇ ନାହିଁ। ଏହା ଦୁର୍ଘଟଣାର କାରଣ ହେଉଥିବା ବେଳେ କଣିହାଁ ମେଡିକାଲ ଟର୍ନିଂ ପଏଣ୍ଟରେ ନୂଆକରି ହମ୍ପସ୍ ନିର୍ମାଣ ଓ ସଂକେତ ବ୍ୟବହାର କରା ନ ଯିବା ସମସ୍ୟାକୁ ଅଧିକ ବଢ଼ାଇ ଦେଉଛି। ତୁରନ୍ତ କର୍ତ୍ତୃପକ୍ଷ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ କହିଛନ୍ତି, ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ।

## ଖଣି ଅଞ୍ଚଳରେ ସର୍ବେକ୍ଷଣ ସ୍ଥଗିତ ଦାବି

**ଛେଣ୍ଡିପଦା,୨୦।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତରେ ଆଗାମୀ ଦିନରେ କୋଇଲା ଖଣି ହେବାକୁ ଥିବାବେଳେ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଏହାକୁ ତୀବ୍ର ବିରୋଧ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀ ଦର୍ଶାଇଛନ୍ତି, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସକାଶେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ କରିବାକୁ ପଞ୍ଚାୟତକୁ ଚିଠି ଆସିଛି। ବରପଦା ରାଜସ୍ୱ ଗ୍ରାମର ବେସରକାରୀ ଜମି ଅଧିଗ୍ରହଣ ହେବ ବୋଲି ସରପଞ୍ଚଙ୍କୁ ସୂଚନା ଜାରି ହୋଇଛି। ତେବେ ଜମି ଅଧିଗ୍ରହଣ ସର୍ବେକ୍ଷଣ ପୂର୍ବରୁ ପ୍ରଥମେ ପ୍ରକଳ୍ପର ପରିଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ପଞ୍ଚାୟତବାସୀଙ୍କ ନିକଟରେ ରଖାଯାଉ। ଏହାଦ୍ୱାରା ସରକାର ପ୍ରକଳ୍ପ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ନିମନ୍ତେ କେଉଁଭଳି ପରିଯୋଜନା କରିବେ ତାହା ଜାଣିହେବ। ତେଣୁ ପ୍ରକଳ୍ପର ସବିଶେଷ ପରିଯୋଜନା ତଥ୍ୟ(ଡିପିଆର୍)କୁ ଉପସ୍ଥାପନ କରାଯାଉ। ଯେ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ବିଷୟରେ ଜଣା ନ ପଡ଼ିଛି, ସେଯାଏ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣକୁ ସ୍ଥଗିତ କରାଯିବା ପାଇଁ ଜିଲାପାଳଙ୍କୁ ସରପଞ୍ଚ ରୋଜାଲିନ ପ୍ରଧାନ ଲିଖିତ ଆକାରରେ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମାଜିକ କର୍ମୀ ଯୁଗଳ କିଶୋର ସାହୁ, ଜୀବନ ସମ୍ଭବ ଫାଉଣ୍ଡେଶନ ସଭାପତି ଅବିନାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ଟୁଙ୍ଗି ବାର୍ଷିକ ଉତ୍ସବ

**ତାଳଚେର,୨୦।୩(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ବୈଷ୍ଣବ ରଗୁଡ଼ି ନିକଟସ୍ଥ ଭାଗବତ ଟୁଙ୍ଗି ପରିସରରେ ୨୦ତମ ବାର୍ଷିକ ଭାଗବତ ପାରାୟଣ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣଦେଇ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ଗହମ ନିତାଇଗୌର ଆଶ୍ରମର ବାବାଜୀ ପ୍ରଭୁପାଦ ଦାସ, ପଣ୍ଡିତ ସୁବୋଧ କୁମାର ପଣ୍ଡା, ବାସୁଦେବ ଚାନ୍ଦ ଓ ନିରଞ୍ଜନ କର ପ୍ରମୁଖ ପ୍ରବଚନ ଦେଇଥିଲେ। ଶରତ ଚନ୍ଦ୍ର ଦାସ ଓ ରାମଚନ୍ଦ୍ର ମହାପାତ୍ର ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ପୂଜକ ରବିନାରାୟଣ ମିଶ୍ର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗଗନ ଦାସ, ଶ୍ରୀବତ୍ସ ସାହୁ, ପ୍ରମୋଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା


ସଙ୍ଗଠନର ସଦସ୍ୟମାନେ କୃଷ୍ଣଚନ୍ଦ୍ରଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**ବଇଣ୍ଡା,୨୦।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ରାସୋସିଙ୍ଗା ଗ୍ରାମରେ ଅଗ୍ନିକାଣ୍ଡ ଘଟି କୃଷ୍ଣଚନ୍ଦ୍ର ବେହେରାଙ୍କ ଘର ପୋଡ଼ି ଯାଇଥିଲା। ଖବରପାଇ ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ସଲୀନ ମେଣ୍ଡୁଲି, ସୌମ୍ୟରଞ୍ଜନ ଦନ୍ତା, ସତ୍ୟନାରାୟଣ ମହାକୁଡ, ଅଭିରାମ ମେହେର, ସନ୍ତୋଷ ମେହେର, ଶ୍ରୀକାନ୍ତ ଗିରି, ନିରୂପଣ ସେଠୀ, ପ୍ରକାଶ ଗିରି, କମ୍ପଲା ସରପଞ୍ଚ ସୁଧୀର ସେଠୀ, ରଞ୍ଜିତ ବାରିକ ପ୍ରମୁଖ ପହଞ୍ଚି କୃଷ୍ଣଚନ୍ଦ୍ରଙ୍କୁ ଶୁଖିଲା ଖାଦ୍ୟ ଦେବା ସହ ଆସବାବପତ୍ର ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୨୦।୩**

ଅନୁଗୋଳ ବ୍ଲକ କୁଇଓଠାରେ ଶନିବାର ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ନତଡ଼ା ଗାଁର ସାଗର ବେହେରାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଦୋଳ ଓ ହୋଲି ଉତ୍ସବ ପାଳନ ବେଳେ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରେ ଦୁର୍ଘଟଣା ଘଟି ୩୦ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି। ପାଲଲହଡ଼ା, ଖମାର, ତାଳଚେର, ଆଠମଲ୍ଲିକ, ଜରପଡ଼ା ଆଦି ଅଞ୍ଚଳରେ ପାଖାପାଖି ୨୨ଟି ଦୁର୍ଘଟଣା ଘଟିଛି। ମଦ୍ୟପାନ କରି ଗାଡ଼ି ଚଳାଇବା କାରଣରୁ ଅଧିକାଂଶ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

# ବାର୍ଷିକ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଛେଣ୍ଡିପଦା,୨୦।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଶିମିଳିପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ପୁରିହାପାଟଙ୍କ ବାର୍ଷିକ ପୂଜା ଓ ଯାତ୍ରା ଶୃଙ୍ଖଳାର ସହ ରବିବାର ଶେଷ ହୋଇଛି। ମନ୍ଦିର କମିଟି ସଭାପତି ଶରତ ପ୍ରଧାନ, ଶିମିଳିପାଳ ଗ୍ରାମ ସଭାପତି ଦାମୋଦର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯାତ୍ରାରେ ପୂଜକ ଡମ୍ବରୁ ପଲେଇ ଓ ପଟିଆର ବିଜୁ ସ୍ୱାଇଁ ସହଯୋଗ କରିଥିଲେ। ପରମ୍ପରା ଅନୁଯାୟୀ ବିରାଟ ପଟୁଆରରେ ଗ୍ରାମରୁ ମା'ଙ୍କ ଭୋଗ ସାମଗ୍ରୀ ପୀଠସ୍ଥଳକୁ ଅଣାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସେଠାରେ ସ୍ଥାପିତ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ସମ୍ବଲପୁର କଳାବିକାଶ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଯୋଗଦେଇ ରଙ୍ଗବତୀ ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ ଯାତ୍ରାର ତଦାରଖ କରିଥିଲେ। ଗ୍ରାମ୍ୟ କମିଟିର କାନ୍ଦରା ପ୍ରଧାନ, ସେବକ ଦେହୁରୀ, ଯୁଗଳ ନାୟକ, ଇନ୍ଦ୍ରମଣି ବେହେରା, ତପନ ସାହୁ, ସନାତନ ସ୍ୱାଇଁ, ଧନୀ ପ୍ରଧାନ, ଭାସ୍କର ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଅନୁମତି ମିଳିଲେ ଲୋକ ମହୋତ୍ସବ ନିଷ୍ପତ୍ତି

**ତାଳଚେର,୨୦।୩(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ

**ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା**

ଶୁକ୍ରବାର ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ତଥା ଟ୍ରଷ୍ଟବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ତାଳଚେରର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ଓ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଉପଜିଲାପାଳ ରଥ କହିଥିଲେ, ଏପ୍ରିଲ ମାସର କୋଭିଡ୍ ଗାଇଡ୍‌ଲାଇନ୍‌ରେ ଯାତ୍ରା ଓ ମହୋତ୍ସବକୁ ଅନୁମତି ମିଳିଲେ, ୨ ତାରିଖ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୪/୫ ଦିନ ମଧ୍ୟରେ ସବ୍ କମିଟିମାନ ଗଠନ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଏକ ମହିଳା ସବ୍ କମିଟି ଗଠନ, ଆଜୀବନ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବା, ଅନୁଗୋଳ ଓ ତାଳଚେର ଶିଳ୍ପାଞ୍ଚଳରେ ଥିବା ଶିଳ୍ପସଂସ୍ଥାଗୁଡ଼ିକରୁ ଅର୍ଥ ସଂଗ୍ରହ କରିବା ନିମନ୍ତେ ବୈଠକରେ ବିଭିନ୍ନ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ମା'ଙ୍କ ପୀଠ ପରିସରରେ ଏକ ଅତ୍ୟାଧୁନିକ ଯାତ୍ରୀ ନିବାସ ନିର୍ମାଣ ପାଇଁ ରାଜା ରାଜେନ୍ଦ୍ର ଦେବ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ କଳିଆରୀ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ୍ ମାଲିକ ସଂଘ ପକ୍ଷରୁ ସଭାପତି ଜନାର୍ଦ୍ଦନ ମହାନ୍ତି ଓ ସମ୍ପାଦକ ଉଗ୍ରସେନ ପ୍ରଧାନ ୧୪ ଲକ୍ଷ ୪୬ ହଜାର ୫୦ ଟଙ୍କା ଦାନ କରିଥିଲେ। ସ୍ୱର୍ଗତ ପ୍ରହଲ୍ଲାଦ ଚନ୍ଦ୍ର ମାଝିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ସନ୍ତୋଷ ମାଝି ଓ ପରିବାରବର୍ଗ ୧ ଲକ୍ଷ ଟଙ୍କା ଦାନ କରିଥିଲେ। ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତଙ୍କୁ ସାଧୁବାଦ ଦିଆଯାଇଥିଲା। ସଦସ୍ୟ ରାଜେନ୍ଦ୍ର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶିବ କୁମାର ମିଶ୍ର, ତହସିଲଦାର ମନ୍ମଥ ନାୟକ, ଜିଲା ଜଳ ଓ ପରିମଳ ବିଭାଗ ଅଧିକାରୀ ଅଜିତ କୁମାର ବେହେରା, ଯୋଗାଣ ଅଧିକାରୀ ଲିପ୍‌ସାରାଣୀ ରାଉତ, ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ହିଙ୍ଗୁଳା ଏରିଆ ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର, ଜିଲା ପରିଷଦ ସଦସ୍ୟ ଅମିୟ ପ୍ରଧାନ, ବିଭିନ୍ନ ଗ୍ରାମର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

